# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 October - 2024

### News Editor : Tapan Kumar Maharana

********************************

## ମୁଖ୍ୟ ସମ୍ବାଦ

- ସମ୍ଭାବ୍ୟ ସାମୁଦ୍ରିକ ଝଡ଼ 'ଦାନା'ର ମୁକାବିଲା ପାଇଁ ପଦକ୍ଷେପ ନେଲେ ରାଜ୍ୟ ସରକାର

– ଆଜି ଅପରାହ୍ନ ସାଢ଼େ ୪ଟାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ସମୀକ୍ଷା ବୈଠକ

- ୬୫ତମ ପୁଲିସ ସହିଦ ସ୍ମୃତି ଦିବସ ପାଳନ ଅବସରରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ

- କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନରେ ଗତ ଅଗଷ୍ଟ ମାସରେ ସାମିଲ ହେଲେ ୧୮ ଲକ୍ଷ ୫୩ ହଜାର ସଦସ୍ୟ

ଏବଂ

- କାର୍ତ୍ତିକ ମାସ ପ୍ରଥମ ସୋମବାର ଅବସରରେ ଆଜି ସକାଳୁ ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ

*Desk*

## ବାତ୍ୟା 'ଦାନା'

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ନିକଟବର୍ତ୍ତୀ ଉତ୍ତର ଆଣ୍ଡାମାନ ସମୁଦ୍ର ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ଏହା କ୍ରମଶଃ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଆସନ୍ତାକାଲି ସକାଳ ସୁଦ୍ଧା ଅବପାତରେ ପରିଣତ ହେବ । ବୁଧବାର ସୁଦ୍ଧା ଏହା ସାମୁଦ୍ରିକ ଝଡ଼ରେ ପରିଣତ ହେବ। ପାଣିପାଗ ବିଭାଗ କହିଛି, ଏହା କ୍ରମଶଃ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳ ଗୁରୁବାର ସକାଳ ସୁଦ୍ଧା ସ୍ପର୍ଶ କରିପାରେ । ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ସମୁଦ୍ର ଭିତରକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ତୁରନ୍ତ ଫେରିଆସିବାକୁ କୁହାଯାଇଛି। ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ସାମୁଦ୍ରିକ ଝଡ଼ ଉପକୂଳ ସ୍ପର୍ଶ ସମୟରେ ପବନ ବେଗ ୧୦୦ରୁ ୧୨୦ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ ।

ଅନ୍ୟପକ୍ଷରେ ସାମୁଦ୍ରିକ ଝଡ଼ 'ଦାନା'କୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଝଡ଼ର ଲ୍ୟାଣ୍ଡଫଲ ବିଷୟ ନେଇ ଏ ପର୍ଯ୍ୟନ୍ତ ସଠିକ୍ ସୂଚନା ମିଳି ନ ଥିଲେ ମଧ୍ୟ ଉପକୂଳ ଅଞ୍ଚଳରେ ଅଧିକ ସତର୍କତା ଅବଲମ୍ବନ

କରିବାକୁ କୁହାଯାଇଛି । ସମ୍ପୃକ୍ତ ବିଭାଗ ଏ ନେଇ ପ୍ରସ୍ତୁତ ରହିବାକୁ କୁହାଯାଇଛି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ବାତ୍ୟାର ଗତିପଥ ଉପରେ ନଜର ରଖିବା ସହ କଣ୍ଟ୍ରୋଲ ରୁମ୍ ପ୍ରଭାବିତ ଜିଲ୍ଲାଗୁଡ଼ିକ ସହ ସମନ୍ୱୟ ରକ୍ଷା କରିବ । ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ୍ ଟିମ୍‌କୁ ସଜାଗ ରଖାଯାଇଛି । ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକୁ ଆଜି ସନ୍ଧ୍ୟାରେ ଏନ୍‌ଡିଆରଏଫ୍, ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ଗସ୍ତ କରିବେ । ସ୍ଥିତିର ସମୀକ୍ଷା କରି ଆଜି ଅପରାହ୍ନ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ରାଜ୍ୟ ସରକାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ଛୁଟିକୁ ବାତିଲ କରିଛନ୍ତି । ଆଜି ଅପରାହ୍ନ ସାଢ଼େ ୪ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବାତ୍ୟା ମୁକାବିଲା ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । ସାମୁଦ୍ରିକ ଝଡ଼ର ପ୍ରଭାବରେ ଉପକୂଳ ଅଞ୍ଚଳଗୁଡ଼ିକରେ ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛନ୍ତି । ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବା ସହ ଆବଶ୍ୟକସ୍ଥଳେ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ପଦକ୍ଷେପ ନିଆଯାଇଛି । ତଳିଆ ଅଞ୍ଚଳରୁ ପାଣି ନିଷ୍କାସନ କରିବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କର୍ମଚାରୀଙ୍କୁ ମୁଖ୍ୟାଳୟ ଛାଡ଼ି ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମ୍ପୃକ୍ତ ସମସ୍ତ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି । ଏ ସମ୍ପର୍କରେ ଅଧିକ ତଥ୍ୟ ଦେଇ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ କହିଛନ୍ତି...

**- V/O –**

***Desk***

## ଘରୋଇ କ୍ଷେତ୍ର ବ୍ୟାଙ୍କ

ଘରୋଇ କ୍ଷେତ୍ର ବ୍ୟାଙ୍କ ପିଏସ୍‌ବି ଗୁଡ଼ିକରେ ମୁଖ୍ୟ ସାଧାରଣ ପରିଚାଳକ ପଦବୀ ସଂଖ୍ୟା ବୃଦ୍ଧି କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି । ବର୍ତ୍ତମାନ ପିଏସ୍‌ବି ଗୁଡ଼ିକରେ ପ୍ରତ୍ୟେକ ୪ ଜଣ ସାଧାରଣ ପରିଚାଳକ ପଦ ପାଇଁ ଜଣେ ମୁଖ୍ୟ ସାଧାରଣ ପରିଚାଳକ ରହୁଛନ୍ତି । ୨୦୧୯ ନିର୍ଦ୍ଦେଶାବଳୀ ଆଧାରରେ ଏଭଳି ପଦବୀ ସୃଷ୍ଟି କରାଯାଇଛି । ସୂଚନାଯୋଗ୍ୟ, ୧୦ଟି ସରକାରୀ କ୍ଷେତ୍ରର ୪ଟି ବଡ଼ ବ୍ୟାଙ୍କର ମିଶ୍ରଣ ପରେ ୨୦୧୯ରେ ମୁଖ୍ୟ ଜେନେରାଲ ମ୍ୟାନେଜର ପଦବୀ ସୃଷ୍ଟି କରାଯାଇଥିଲା ।

*Desk*

## ପ୍ରଧାନମନ୍ତ୍ରୀ- ସହିଦ ସ୍ମୃତି ଦିବସ

୬୫ତମ ପୋଲିସ୍ ସହିଦ ସ୍ମୃତି ଦିବସ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସହିଦ ପୋଲିସ୍ କର୍ମଚାରୀମାନଙ୍କୁ ସେମାନଙ୍କ ବଳିଦାନ ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ' ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ପୋଲିସ୍ କର୍ମଚାରୀମାନଙ୍କ ସମର୍ପଣ ଭାବନାକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ପୋଲିସ୍ କର୍ମଚାରୀ ହେଉଛନ୍ତି ସାହସ ଏବଂ ଦୃଢ଼ ସଂକଳ୍ପର ନିଦର୍ଶନ ।

*Desk*

## ସ୍ୱରାଷ୍ଟ୍ରମନ୍ତ୍ରୀ- ପୋଲିସ ସହିଦ ଦିବସ

ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସର୍ବୋଚ୍ଚ ବଳିଦାନ ପ୍ରଦାନ କରିଥିବା ସହିଦ ପୁଲିସ ଅଧିକାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ଜାତୀୟ ପୁଲିସ ସ୍ମାରକୀରେ ଶ୍ରୀ ଶାହା ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶ୍ରୀ ଶାହା କହିଛନ୍ତି, ୩୬ ହଜାର ୪୬୮ ଜଣ ପୋଲିସ୍ କର୍ମଚାରୀ ଦେଶପାଇଁ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଗତବର୍ଷ ୨୧୬ ଜଣ ପୋଲିସ୍ କର୍ମଚାରୀ ଶହୀଦ ହୋଇଛନ୍ତି । ସେମାନଙ୍କ ପ୍ରଚେଷ୍ଟା ଯୋଗୁଁ ନକ୍ସଲ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ହିଂସା ବହୁ ପରିମାଣରେ ହ୍ରାସ ପାଇଛି। ଶ୍ରୀ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଦାୟିତ୍ୱ

ଗ୍ରହଣ କରିବା ପରେ ବୀର ପୁଲିସ ଯବାନଙ୍କ ସମ୍ମାନରେ ଦିଲ୍ଲୀରେ ଏକ ସ୍ମାରକୀ ନିର୍ମାଣ ଲାଗି ନିଷ୍ପତ୍ତି ନେଇଥିଲେ । ଦେଶ ପାଇଁ ପ୍ରାଣବଳି ଦେଇଥିବା ବୀର ପୁଲିସ ଯବାନମାନଙ୍କ ପ୍ରତି ଦେଶ ସବୁବେଳେ କୃତଜ୍ଞ ରହିବ ବୋଲି ଶ୍ରୀ ଶାହା କହିଛନ୍ତି ।

***Desk/All PTC***

## ପୁଲିସ ସହିଦ ସ୍ମୃତି ଦିବସ

ପୁଲିସ ସହିଦ ସ୍ମୃତି ଦିବସ ଆଜି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ପାଳନ କରାଯାଉଛି। ମାତୃଭୂମି ସେବା ପାଇଁ ପ୍ରାଣବଳୀ ଦେଇଥିବା ପୁଲିସ କର୍ମଚାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଅକ୍ଟୋବର ୨୧ ତାରିଖକୁ ପୁଲିସ ସହିଦ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହିଦ ବୀର ପୁଲିସ କର୍ମଚାରୀଙ୍କ ଅମର ଆତ୍ମାକୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ରାଜ୍ୟପାଳ ଶ୍ରୀ ଦାସ ତାଙ୍କ ବାର୍ତ୍ତାରେ କହିଛନ୍ତି, ରାଜ୍ୟବାସୀଙ୍କ ସୁରକ୍ଷା, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ କର୍ମଚାରୀ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ ସହିଦ ବୀର ପୁଲିସ କର୍ମଚାରୀଙ୍କ ନିକଟରେ ରାଜ୍ୟ ସବୁବେଳେ କୃତଜ୍ଞ ହୋଇ ରହିବ ବୋଲି କହିଛନ୍ତି।

କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ପାଳିତ ସମାରୋହରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଯୋଗଦେଇ ଆସନ୍ତା ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀ ମୂଳୋତ୍ପାଟନ ଲକ୍ଷ୍ୟକୁ ହାସଲ କରିବା ପାଇଁ ପୁଲିସ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ହିଂସାର ମାର୍ଗ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଶ୍ରୀ ଖୁରାନିଆ ମାଓବାଦୀଙ୍କୁ ପରାମର୍ଶ ଦେଇଛନ୍ତି।

**- V/O -**

ଚଳିତ ବର୍ଷ କାର୍ଯ୍ୟରତ ଅବସ୍ଥାରେ ପୁଲିସ ଦୁଇଜଣ କର୍ମଚାରୀ ସହିଦ ହୋଇଛନ୍ତି। ଶ୍ରୀ ଖୁରାନିଆ ସେମାନଙ୍କର ଅମରଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି।

ପୁରୀ ରିଜର୍ଭ ପୁଲିସ ପଡ଼ିଆଠାରେ ଅନୁଷ୍ଠିତ ସମାରୋହରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଯୋଗଦେଇ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ବାର୍ତ୍ତା ପଠନ କରିଥିଲେ। ସହିଦ୍‌ଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଆୟୋଜିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ।

କେନ୍ଦ୍ରାପଡ଼ାଠାରେ ଆୟୋଜିତ ଅନୁରୂପ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଯୋଗ ଦେଇଥିଲେ। ବଲାଙ୍ଗୀର ମନୋହରପୁର ରିଜର୍ଭ ପୁଲିସ ପଡ଼ିଆରେ ଏସ୍.ପି. ଋଷିକେଶ ଖିଲାରି

ଯୋଗଦେଇ ଶୃଙ୍ଖଳା ବଜାୟ କ୍ଷେତ୍ରରେ ପୁଲିସ କର୍ମଚାରୀଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ ।

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସମାରୋହରେ ଆୟୋଜିତ ଅନୁରୂପ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନନ୍ୟା ଦାସ ଏବଂ ଆରକ୍ଷୀ ଅଧୀକ୍ଷକ ରାମାପ୍ରସାଦ ସାହୁ ଯୋଗ ଦେଇଥିଲେ ।

କଳାହାଣ୍ଡି ଜିଲ୍ଲାସ୍ତରୀୟ ସମାରୋହରେ ଆରକ୍ଷୀ ଅଧୀକ୍ଷକ ଅଭିଳାସ ଜି ଯୋଗଦେଇ ସହିଦ୍‌ଙ୍କ ସ୍ମୃତିଚାରଣ କରିଥିଲେ ।

ଛତ୍ରପୁର ପୁଲିସ ପଡ଼ିଆଠାରେ ଆୟୋଜିତ ସମାରୋହରେ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଯୋଗଦେଇ ସହିଦ୍ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ପୁଲିସ ପରିବାରର ପିଲାଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ଶ୍ରୀ ପାତ୍ର ପୁରସ୍କୃତ କରିଥିଲେ ।

ଭଦ୍ରକ ଜିଲ୍ଲା ଚରମ୍ପା ରିଜର୍ଭ ପୁଲିସ ପଡ଼ିଆଠାରେ ଆୟୋଜିତ ସମାରୋହରେ ଆରକ୍ଷୀ ଅଧୀକ୍ଷକ ମାଡ଼କର ସନ୍ଦୀପ ସମ୍ପଦ ଯୋଗଦେଇ କର୍ତ୍ତବ୍ୟରେ ଶୃଙ୍ଖଳା ବଜାୟ ରଖି ଲୋକଙ୍କର ସେବା କରିବାକୁ ପରାମର୍ଶ ଦେଇଥିଲେ ।

ରାୟଗଡ଼ା ଜିଲ୍ଲା ପୁଲିସ ପକ୍ଷରୁ ଚାନ୍ଦିଲିସ୍ଥିତ ରିଜର୍ଭ ପୁଲିସ ପଡ଼ିଆଠାରେ ଆରକ୍ଷୀ ଅଧୀକ୍ଷକ ସ୍ୱାତି ଏସ୍ କୁମାର ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।

***Desk***

## କର୍ମଚାରୀ ଭବିଷ୍ୟନିଧି ପାଣ୍ଠି

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନରେ ଗତ ଅଗଷ୍ଟ ମାସରେ ୧୮ ଲକ୍ଷ ୫୩ ହଜାର ସଦସ୍ୟ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୮ରୁ ୨୫ ବର୍ଷ ବର୍ଗର ୮ ଲକ୍ଷ ୬ ହଜାର ସଦସ୍ୟ ରହିଛନ୍ତି। ୧୩ ଲକ୍ଷ ୫୪ ହଜାର ସଦସ୍ୟ ଇପିଏଫ୍‌ଓରେ ପୁନଃପଞ୍ଜୀକୃତ ହୋଇଛନ୍ତି। ବାର୍ଷିକ ଭିତ୍ତିରେ ଇପିଏଫ୍‌ଓରେ ପଞ୍ଜୀକୃତଙ୍କ ସଂଖ୍ୟା ୯ ଦଶମିକ ୦/୭ ପ୍ରତିଶତ ବୃଦ୍ଧି ପାଇଥିବା ଇପିଏଫ୍‌ଓ ରିପୋର୍ଟରେ ପ୍ରକାଶ କରାଯାଇଛି।

***Desk***

## କାର୍ତ୍ତିକ ମାସ ସୋମବାର

କାର୍ତ୍ତିକ ମାସ ପ୍ରଥମ ସୋମବାର ଅବସରରେ ଆଜି ଶୈବପୀଠଗୁଡ଼ିକରେ ଭୋରରୁ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଶୈବପୀଠଗୁଡ଼ିକରେ ଠାକୁରଙ୍କର ସ୍ୱତନ୍ତ୍ର ନୀତିକାନ୍ତି ସମ୍ପନ୍ନ ହୋଇଛି। କଟକ ଜିଲ୍ଲା ଆଠଗଡ଼ର ଧବଳେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଜ୍ୟର ଅନ୍ୟ ଶୈବପୀଠଗୁଡ଼ିକରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା।